ନିତିଦିନ NITIDIN

29th Nov, 2020

# ବିଭିନ୍ନ ସ୍ଥାନରେ ଜାତୀୟ ସମ୍ବିଧାନ ଦିବସ ପାଳିତ





।।ପ୍ରଭା ନ୍ୟୁଜ।। କଣାସ, ୨୭।୧୧: କଣାସ ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକରେ ଗତକାଲି ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । କୋଭିଡି ଆଇନି ପାଳନ ମଧ୍ୟରେ ଶିକ୍ଷକ ଶକ୍ଷୟତ୍ରୀମାନେ ସମ୍ବଧାନ ପ୍ରଣୟତା ଡଃ ବି.ଆର ଆବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାଅର୍ପଣ ପରେ ସମ୍ବିଧାନର ସୁରକ୍ଷା ସଂପର୍କିତ ଶପଥପାଠ କରିଥିଲେ । ଏହି ଅବସରରେ ବେଣାଗାଁ ୟୁ.ଜି.ୟୁପି ବିଦ୍ୟାଳୟ, ଗଡବଳଭଦ୍ରପୁର ନୋଡାଲ ଉ.ପ୍ରା ବିଦ୍ୟାଳୟ, ନୂଆବୋକନ୍ଦା ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ, ବୋଡକମା ପ୍ରାଥମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାଧିକାରୀ ମିନକେତନ ସମାନ୍ତରାୟ ବି.ଆର ଆବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାଅର୍ପଣ ପରେ ସମ୍ବିଧାନ ସୁରକ୍ଷା ସଂପର୍କିତ ଶପଥପାଠ ଉପସ୍ଥିତ ସାଧାନ କେନ୍ଦ୍ର ସଂଯୋଜକ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନଙ୍କୁ କରାଇଥିଲେ । ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନା ଆଜିର ଦିବସର ମହତ୍ୱ ସଂପର୍କରେ ଅଭିହିତ କରାଇଥିଲେ ।

**କଟଣୀ:** କଟଣୀ ସ୍ଥ ଆଇଆଇଟି କ୍ୟାମ୍ପସରେ ଏହାର ନିର୍ଦ୍ଦେଶକ ପ୍ରଫେସର୍ ରତ୍ନମ ଭି ରାଜକୁମାରଙ୍କ ଅଧ୍ୟକ୍ଷତାରେ କୋଭିଡ ନିୟମାନୁଯାୟୀ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ଡ ଭୀମ ରାଓ ଆମ୍ବେଦକରଙ୍କ ଦ୍ୱାରା ୧୯୪୯ ମସିହା ଆଜିର ଦିନରେ ସାମ୍ବିଧାନିକ ବ୍ୟବସ୍ଥା ବଳି ଉପରେ ସଂସଦରେ ଉପସ୍ଥାପନ କରାଯାଇଥିଲା । ସେହି ମହାନ୍ ବ୍ୟକ୍ତି ଓ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ୍ ପ୍ରଫେସର ଭି ଆର୍ ପେଡି ରେଡି, ରେଜିଷ୍ଟର୍ ଦେବରାଜ ରଥଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ଭାରତରେ ସମ୍ବିଧାନ ପ୍ରଚଳନ ଦିବସକୁ ମନେପକାଇବା ପାଇଁ ୨୬ ନଭେମ୍ବର ୨୦୨୦ ରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଶଶି କାନ୍ତ ସିଂହ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ଶ୍ରୀ ଅଶୋକ କୁମାର, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ଶ୍ରୀ କଲ୍ୟାଣ ପଟ୍ଟନାୟକ ଓ ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବିଧାନର ପ୍ରସ୍ତାବନାର ପଠନର ସିଧା ପ୍ରସାରଣରେ ଅନଲାଇନରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଶ୍ରୀ ରଂଜନ କୁମାର ମହାନ୍ତି ସଂଯୋଜନା କରିଥିଲେ ।